ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର – ୭୫୧୦୦୩

Dr. T. R. Mohanty
Nodal Officer

**ସପ୍ତାହ –୪୬**

ନ.- ୧୧୪୫ (ଓଡିଆ ବୁଲେଟିନ)
ତାରିଖ- ୧୮ .୧୧.୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ଖୋର୍ଦ୍ଧା ଜିଲ୍ଲା (ପୂର୍ବ ଓ ଦକ୍ଷିଣ ପୂର୍ବ ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ)

| ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୨.୧୧ .୨୦୨୫ ରୁ ୧୮ .୧୧ .୨୦୨୫) | | |
|---|---|---|
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ବୃଷ୍ଟିପାତ (ମି. ମି.) |
| **30** | **14.3** | **Nil** |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୧୯ . ୧୧ . ୨୦୨୫ ରୁ ୨୩ .୧୧ .୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ପାଣିପାଗ କାରକ | ପ୍ରଥମ ଦିନ | ଦ୍ୱିତୀୟ ଦିନ | ତୃତୀୟ ଦିନ | ଚତୁର୍ଥ ଦିନ | ପଞ୍ଚମ ଦିନ |
|---|---|---|---|---|---|
| ବୃଷ୍ଟିପାତ & ଆକାଶର ସ୍ଥିତି | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର |
| ସର୍ବାଧିକ ତାପମାତ୍ରା (°C) | 30 | 30 | 31 | 31 | 31 |
| ସର୍ବନିମ୍ନ ତାପମାତ୍ରା (°C) | 15 | 16 | 17 | 17 | 18 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | 78 | 82 | 85 | 86 | 84 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | 37 | 42 | 51 | 54 | 47 |
| ପବନର ବେଗ (କି.ମି./ଘ.) | 9 | 9 | 8 | 8 | 7 |
| ପବନର ଦିଗ | 336 | 336 | 345 | 355 | 348 |

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ପରିଷ୍କାର ରୁ ମୁଖ୍ୟତଃ ପରିଷ୍କାର ରହିବାର ସମ୍ଭାବନା ଥିବାବେଳେ ପବନର ବେଗ ହାରାହାରି ୦୭ ରୁ ୦୯ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ୩୦ – ୩୧ ଡିଗ୍ରୀ ସେଲସିଅସ ଓ ୧୫ ରୁ ୧୮ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ବିଶେଷ କୃଷି ସୂଚନା

- ପାଣିପାଗ ବିଭାଗ, ଭୁବନେଶ୍ୱରର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି ।
- ଆଗାମୀ ସପ୍ତାହରେ ପାଗ ଶୁଖିଲା ରହିବାର ସମ୍ଭାବନା ଥିବାରୁ, ଚାଷୀ ଭାଇମାନଙ୍କୁ ଆବଶ୍ୟକ ସ୍ଥଳେ ଘାସ ବଛା, ସାର ପ୍ରୟୋଗ , ଜଳସେଚନ, ଅମଳ ଏବଂ ଜୀବନାଶକ ର ପ୍ରୟୋଗ କରିବା ପାଇଁ ପରାମର୍ଶ ଦିଆଯାଉଅଛି ।
- ଶୀତ ଦିନିଆ ପନିପରିବା ତଳିଘେରା ରେ ମଞ୍ଜି ବୁଣିବା କାର୍ଯ୍ୟ ସମାପ୍ତ କରନ୍ତୁ ଓ ସକାଳ ଓ ସନ୍ଧ୍ୟା ସମୟରେ ପନିପରିବା ତଳିଘେରା ରେ ଜଳ ସେଚନ କରନ୍ତୁ ।
- ଧାନ କେଣ୍ଡା ରେ ଶତକଡା ୮୫ ଭାଗ ପାଚି ଯାଇଥିଲେ କାଟି ନିଅନ୍ତୁ ।
- ବେଙ୍ଗଳା ପରେ ଧାନ କୁ ଭଲ ଭାବେ ୨ ରୁ ୩ ଦିନ ଖରାରେ ଶୁଖାଇ HDPE ବ୍ୟାଗ ରେ ସାଇତି ରଖନ୍ତୁ । ବିହନ ପାଇଁ ୧୨ ଶତକଡା ପର୍ଯ୍ୟନ୍ତ ଆଦ୍ରତା ଓ ଖାଦ୍ୟ ଉପଯୋଗୀ ପାଇଁ ୧୪ ଶତକଡା ପର୍ଯ୍ୟନ୍ତ ଆଦ୍ରତା ରଖନ୍ତୁ ।
- ଧାନ ସାଇତି ରଖିଥିବା ପାତ୍ର ବା କୋଠରୀରେ ପୋକ ଦେଖାଦେଲେ ଆଲୁମିନିୟମ ଫସଫାଇଡ ଟାବଲେଟ ଏକ ଟନ ପିଛା ୩ଟି ଟାବଲେଟ ସମୁଦାୟ ୯ ଗ୍ରାମ ଟାବଲେଟ ଭଲଭାବେ ଟାରପୋଲିନ ଘୋଡାଇ ଧୂଆଁ କରନ୍ତୁ ଯେପରିକି କିଛି ଫାଙ୍କା ଜାଗା ନ ରୁହେ ।
- ୩୦ ରୁ ୪୫ ଦିନର ପନିପରିବା ଚାରା ଯଥା ଟମାଟୋ, ବାଇଗଣ, ଲଙ୍କା, ଫୁଲକୋବି, ବନ୍ଧାକୋବି ଇତ୍ୟାଦି କୁ ମୁଖ୍ୟ ଜମିରେ ପ୍ରତିରୋପଣ କରି ଦିଅନ୍ତୁ ।
- ବର୍ତମାନ ପାଇରା ଚାଷ କରିବାର ଉପଯୁକ୍ତ ସମୟ, ଯାହାକି ଧାନ କଟିବାର ୧୫ ଦିନ ପୂର୍ବରୁ କରାଯାଇଥାଏ ।
- ଶୀତ ଦିନିଆ ପନିପରିବା କୋବି, ବାଇଗଣ, ଟମାଟୋ ଓ ଲଙ୍କା ଫସଲ ରେ ପତ୍ରଖିଆ ଓ ଫଳବିନ୍ଧା ପୋକ ର ଦମନ ପାଇଁ ୧ ଲିଟର ପାଣିରେ ପ୍ରତି ୦.୫ ଗ୍ରାମ Emamectin benzoate କିମ୍ବା ୦.୪ ଗ୍ରାମ Spinosad ପ୍ରୟୋଗ କରନ୍ତୁ ।
- ଲଙ୍କାମରିଚ ଫସଲରେ ଜଳସସଚନ ଅତି ଗୁରୁତ୍ୱପୂର୍ଣ୍ଣ । ବିଶେଷ କରି ଫୁଲଫୁଟିବା ସମୟରେ ମାଟି ଶୁଖି ଗଲେ ଫୁଲ ଝଡିପଡେ । ତେଣୁ ମାଟିର ବତର ଦେଖି ୧୦ ରୁ ୧୨ ଦିନ ଅନ୍ତରରେ ଜଳସେଚନ କରନ୍ତୁ ।

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | ଦାନା ପୂରଣ ଅବସ୍ଥା/ ପରିପକ୍ୱୋ ଅବସ୍ଥା | ❖ ଧାନ ଅମଳ ଯୋଗ୍ୟ ହୋଇଯାଇଥିଲେ ଅମଳ କରି 1-2 ଦିନ ଖରାରେ ଶୁଖାନ୍ତୁ । ଧାନ ଅମଳ ପରେ ଖଳା ରେ ପରିଷ୍କାର କରି ଧାନ ଏବଂ ଅଗାଡି କୁ ଅଲଗା କରନ୍ତୁ। ଖଳା କୁ ସଫା କରି ରଖନ୍ତୁ।<br>❖ ମୂଷା-<br>ଧାନ ଅମଳ ସମୟରେ ମୂଷା କ୍ଷତି ଘଟାଇ ଥାଏ । ମୂଷା କୁ ନିୟନ୍ତ୍ରଣ କରିବା ପାଇଁ ମୂଷା ଗାତ କୁ ଚିହ୍ନଟ କରି ତା ଉପରେ କାଦୁଅ ଲିପି ଗାତ ବନ୍ଦ କରି ଦିଅନ୍ତୁ । ତାପର ଦିନ ଯେଉଁ ଗାତ ମୁହଁ ଖୋଲାଥିବ ସେ ଗାତରେ ଆଲୁମିନିୟମ ଫସଫାଇଡ ୬% ବଟିକା ( ଗୋଟେ ବଟିକା ୧୨ ଗ୍ରାମ ) କନାରେ ବାନ୍ଧି ଗାତ ପିଛା ଗୋଟିଏ ରଖି ଗାତ ମୁହଁ କୁ କାଦୁଅ ରେ ବନ୍ଦ କରି ଦିଅନ୍ତୁ । |
| ମୁଗ ଓ ବିରି | ବୁଣିବା ଅବସ୍ଥା | ❖ ବିହନ ବୁଣିବାର ଦୁଇ ଦିନ ମଧ୍ୟରେ ଘାସ ନିୟନ୍ତ୍ରଣ ପାଇଁ ମାଟି ବତର ଥିବା ଅବସ୍ଥା ରେ ଏକର ପ୍ରତି ୧ ଲିଟର Pendimethalin ନାମକ ଘାସମରା ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଚିନାବାଦାମ | ବୁଣିବା ଅବସ୍ଥା | ❖ ଚିନାବାଦାମ ଫସଲରେ ଘାସ ନିୟନ୍ତ୍ରଣ ପାଇଁ ବିହନ ବୁଣିବାର ୧ରୁ ୨ ଦିନ ମଧ୍ୟରେ, ୮୦ ମି.ଲି Oxyfluorfen ନାମକ ଘାସମରା ଔଷଧ କିମ୍ବା ୧ ଲିଟର Pendimethalin ନାମକ ଘାସମରା ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ମଞ୍ଜି ବୁଣିବାର ୩ ଦିନ ମଧ୍ୟରେ କୌଣସି ଘାସମରା ଔଷଧ ପ୍ରୟୋଗ କରି ନଥିଲେ ମଞ୍ଜି ବୁଣିବାର ୧୫ ଦିନ ମଧ୍ୟରେ ଏକର ପ୍ରତି ୩୦୦ ମିଲି Imazethapyr କିମ୍ବା ୪୦୦ ମିଲି Quizalofop Ethyl ନାମକ ଘାସମରା ଔଷଧ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ଆଖୁ | ଅଙ୍ଗୀୟ ଅଭିବୃଦ୍ଧି – ପରିପକ୍ୱୋ ଅବସ୍ଥା | ❖ ନାଲି ଶଢା ରୋଗ<br>ଆଖୁ ରେ ନାଲି ଶଢା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ carbendazim ଏବଂ mancozeb ର ମିଳିତ ଫିମ୍ପିନାଶକ କିମ୍ବା ୪୦୦ ଗ୍ରାମ Metalaxyl ଏବାଂ mancozeb ର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ବାଇଗଣ | ଫଳ ଧରିବା ଅବସ୍ଥା | ❖ ବାଇଗଣ ରେ ଫଳ ବିନ୍ଧା ପୋକ ର ପରିଚାଳନା ନିମନ୍ତେ ଚାଷୀଭାଇ ମାନେ ଏକର ପିଛା ୮ ଟି ଫେରୋମୋନ ଯନ୍ତା ଲଗାନ୍ତୁ। ରାସାୟନିକ ଉପାୟରେ ନିୟନ୍ତ୍ରଣ ନିମନ୍ତେ ୧.୫ ମିଲିଗ୍ରାମ ସ୍ପିନୋସାଡ କୁ ପ୍ରତି ୪ ଲିଟର ପାଣିରେ କିମ୍ବା ୧୦ ଲିଟର ପାଣିରେ ଇମାମେକ୍ଟିନବେଞ୍ଜୋଏଟ୍ ୫% ଏସ୍.ଜି. ୦.୪ ଗ୍ରା. କିମ୍ବା ୨ ମି.ଲି ଥିଓଡିକାର୍ବ ୭୫% ଡବ୍ଲୁ.ପି କୁ ପ୍ରତି ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |

| | | |
|---|---|---|
| ପିଆଜ | ତଳି ଲଗାଇବା ଅବସ୍ଥା | ❖ ଘେରାକଟା ରୋଗ<br>ତଳି ପଟାଳିରେ ଘେରାକଟା ରୋଗ ନ ହେବା ପାଇଁ, ବିହନ ଲଗେଇବା ପୂର୍ବରୁ ଏକ କିଲୋଗ୍ରାମ ବିହନରେ ୨ଗ୍ରାମ **Carbendazim** ନାମକ ଫିମ୍ପିନାଶକ କିମ୍ବା ୩ ଗ୍ରାମ **Carboxin** ଓ **Thiram** ର ମିଳିତ ଫିମ୍ପିନାଶକ, ବିହନରେ ଗୋଳାଇ ବିଶୋଧନ କରନ୍ତୁ I ପିଆଜ ତଳି ୮ ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାଯାଏ। |
| ପୋଟଳ | ଅଙ୍ଗୀୟ ଅଭିବୃଦ୍ଧି ଅବସ୍ଥା | ❖ ନିମ୍ନମୁଖୀ ପାଉଁଶିଆ ରୋଗ-<br>ବର୍ତମାନ ସମୟରେ ପୋଟଳ ରେ ନିମ୍ନମୁଖୀ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି I ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି **Metalaxyl ୮% + Mancozeb ୬୪% W.P @** ୪୦୦ ଗ୍ରାମ କିମ୍ବା **Fosetyl -AL ୮୦ % WP @** ୬୦୦ ଗ୍ରାମ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ I |
| ବନ୍ଧା କୋବି ଓ ଫୁଲକୋବି | ଅଙ୍ଗୀୟ ଅଭିବୃଦ୍ଧି ଅବସ୍ଥା | ❖ ଠିକିରି ପିଠିଆ ପୋକ-<br>କୋବି ଫସଲରେ ଠିକିରି ପିଠିଆ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬ -୮ ଟି ଆଲୋକ ଯନ୍ତା ଲଗାନ୍ତୁ I ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୧ ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ **PPM Azadirachtin** କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ I ରାସାୟନିକ ଉପାୟରେ ଏହି କୀଟ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି **Tolfenpyrad** ନାମକ କୀଟନାଶକ କିମ୍ବା ୨୦ ଗ୍ରାମ **Flubendiamide** ନାମକ କୀଟନାଶକ କିମ୍ବା ୮୦ ଗ୍ରାମ **Emamectin Benzoate ୫% SG** ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ I |
| କଦଳୀ | ଫଳ ଅବସ୍ଥା | ❖ କଦଳୀ କାନ୍ଦି ଅମଳ ଯୋଗ୍ୟ ହୋଇଥିଲେ, ଅମଳ କରି ସୁରକ୍ଷିତ ସ୍ଥାନ ରେ ରଖନ୍ତୁ I<br>❖ ଧଳା ମାଛି କିମ୍ବା ଉଲ୍ଲୁଣିଆ ପୋକ ଦେଖା ଦେଲେ, Imidachloprid @ 1ml/ltସିଞ୍ଚନ କରନ୍ତୁ I |
| ପଶୁ ସମ୍ପଦ: | ❖ ଶୀତ ଋତୁ ରେ ଗାଈଗୋରୁ ମାନଙ୍କୁ ବାୟୁ ଚଳପ୍ରଚଳ କରୁଥିବା ଗୁହାଳ ଘରେ ରଖନ୍ତୁ I ଗୁହାଳ ର ଚଟାଣ ସଫା ଓ ଶୁଖିଲା ରଖନ୍ତୁ, ଗାଈଗୋରୁ ଶୋଇବା ସ୍ଥାନ ରେ ନଡା ବିଛେଇ ଦିଅନ୍ତୁ I ଶୀତ ଦିନେ ତାପମାତ୍ରା ହ୍ରାସ ପାଉଥିବା ରୁ ଗାଈଗୋରୁ ଙ୍କୁ ଅଧିକ ମାତ୍ରା ରେ ଖାଦ୍ୟ ଆବଶ୍ୟକ ହୋଇଥାଏ I ଦୁଗ୍ଧ ଉତ୍ପାଦନ ବଢେଇବା ପାଇଁ ଘାସ ଜାତୀୟ ଗୋଖାଦ୍ୟ ଅଧିକ ମାତ୍ରା ରେ ଖାଇବାକୁ ଦିଅନ୍ତୁ I ମଇଁଷି ଓ ଗାଈଗୋରୁ ମାନଙ୍କ ଶରୀର ତାପମାତ୍ରା ବଜାୟ ରଖିବା ପାଇଁ ମକା, ଗହମ ଓ ତେଲ ପିଡିଆ @ ୩ କେଜି ଗୋଖାଦ୍ୟ ରୂପେ ଦିଅନ୍ତୁ। | |
| ମତ୍ସ୍ୟ ସମ୍ପଦ | ❖ ଶୀତ ଋତୁ ରେ ମାଛ ପୋଖରୀ ର ୬ ଫୁଟ ପର୍ଯ୍ୟନ୍ତ ପାଣି ରଖନ୍ତୁ I ତାପମାତ୍ରା ହ୍ରାସ ଯୋଗୁଁ ମାଛ ମାନେ କମ ପରିମାଣ ର ଖାଦ୍ୟ ଗ୍ରହଣ କରିଥାନ୍ତି I ତେଣୁ ଶୀତଦିନ ତାପମାତ୍ରା କୁ ଦୃଷ୍ଟି ରେ ରଖି ୫୦ ରୁ ୭୫ % କମ ଖାଦ୍ୟ ଦିଅନ୍ତୁ I ମାଛ ପୋଖରୀ ରେ ଜୈବିକ ପଦାର୍ଥ ଯଥା ଗୋବର ଖତ, କୁକୁଡା ମଳ ଇତ୍ୟାଦି ପ୍ରୟୋଗ କରନ୍ତୁ ନାହିଁ। | |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା, ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେଅଧିକଲାଭବାନହେବାପାଇଁଓୟୁଏଟିକଳିଙ୍ଗଉତ୍ପାଦ (ତାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ I

ଭାରତୀୟପାଣିପାଗବିଭାଗରପୂର୍ବନୁମାନଓପାଣିପାଗଭିତିକକୃଷିସୂଚନାନିମନ୍ତେଅଧିକବିବରଣୀପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ I

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)